

ସହସ୍ରାକ୍ଷୀ ଘଟ।



ଘଟ ମୁଣ୍ଡାଇଥିବା ମାନସିକଧାରୀ ମହିଳା ।

# ମୁଖ୍ୟ ମନ୍ଦିରକୁ ଫେରିଲେ ମା', ପୁଣି ୨ ବର୍ଷକୁ ଅପେକ୍ଷା

**ସରିଲା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା**

ବ୍ରହ୍ମପୁର ଅଫିସ,୨।୫

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ୨୮ ଦିନ ଅର୍ଥାତ୍ ସୋମବାର ବିଳମ୍ବିତ ରାତିରେ ଶେଷ ହୋଇଛି। ପୁଣି ୨ ବର୍ଷ ପରେ ମା'ଙ୍କ ଯାତ୍ରା ହେବ। ମା' ନିଜ ମନ୍ଦିରକୁ ଫେରି ଯାଉଥିବାରୁ ସୋମବାର ପୂର୍ବାହ୍ନରୁ ସନ୍ଧ୍ୟା ଯାଏ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସନ୍ଧ୍ୟାରେ ଏକ ବରକୋଳି ଡାଳରେ ଟଙ୍ଗା ଯାଇଥିବା ଶାଢ଼ି, ଚୂଡ଼ି, ସିନ୍ଦୂର, ଉଖୁଡ଼ା, ମୁଆଁ, ଦାନ୍ତିକିଲି, ସେକଡାଲୁ, ପାମ୍ପଡ, ବଡି ଓ ଜିଅନ୍ତା କୁକୁଡା ଭାର ମୋଚି ସାହିରୁ ଆସି ପହଞ୍ଚିଥିଲା। ରାତିରେ ବୁଢ଼ୀ ଠାକୁରାଣୀ ମନ୍ଦିର ମୁଖ୍ୟ ପୂଜକମାନେ ମା'ଙ୍କ ମୁଖ୍ୟ ମନ୍ଦିରକୁ ଆସିବା ନେଇ ଠାକୁରାଣୀଙ୍କୁ ନିମନ୍ତ୍ରଣ କରିଥିଲେ। ଏହାପରେ ସିଦ୍ଧାନ୍ତି ପୁରୋହିତଙ୍କ ଧାର୍ଯ୍ୟ ସମୟ ଅନୁଯାୟୀ ମା' ଦେଶୀ ବେହେରା ସାହି ଅସ୍ଥାୟୀ ମଣ୍ଡପରୁ ରାତି ପ୍ରାୟ ୧୨ଟା ୧୫ମିନିଟ୍ ସମୟରେ ମୁଖ୍ୟ ମନ୍ଦିର ଅଭିମୁଖେ ବାହାରି ଥିଲେ। ମା'ଙ୍କ ଘଟ ଆଗରେ ଯାତ୍ରା ପରିଚାଳକ ପି.ଦୁର୍ଗା ପ୍ରସାଦ ଦେଶୀ ବେହେରାଙ୍କ ଘରେ ପୂଜା ପାଉଥିବା ସହସ୍ରା ଆଖି ଘଟ ଯାଇଥିଲା। ମା'ଙ୍କ ମୁଖ୍ୟ ଘଟକୁ ଦେଶୀ ବେହେରାଙ୍କ ସ୍ତ୍ରୀ ପି. ଦେବକୀ ମୁଣ୍ଡାଇ ଥିଲେ। ମା' ଅସ୍ଥାୟୀ ମନ୍ଦିରରୁ ବାହାରିବା କ୍ଷଣି ଶ୍ରଦ୍ଧାଳୁଙ୍କ ଦ୍ୱାରା ପୁଷ୍ପ ବର୍ଷା କରାଯାଇଥିଲା। ମା'ଙ୍କ ସହ ୮ଟି ପାର୍ଶ୍ୱ ଘଟକୁ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ମୁଣ୍ଡାଇ ମାନସିକ ବେଶଧାରୀ, ପ୍ରଭା ନାଚ ମଧ୍ୟରେ ମହୁରୀ ରାଜବାଟୀକୁ ଯାଇଥିଲେ। ସେଠାରେ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମା' ବିଭିନ୍ନ ସାହି ପରିକ୍ରମା ନିମନ୍ତେ ବାହାରିଥିଲେ। ମା' ରାଜବାଟୀରୁ ବଡ ବଜାର ଦେଇ ସାଆନ୍ତାଣୀ ସାହି, ମାର୍ଥାପେଟା ସାହି, କେଉଟ ସାହି, ଶଙ୍କରପୁର ସାହି, ଜେନା ସାହି, ବାଟୁବାରୀ ସାହି, କେଦାରପେଟା ସାହି, ଚନ୍ଦ୍ରମା ସାହି, ଖାସ୍ବା ସାହି ପରିକ୍ରମା କରିଥିଲେ। ସାହି ପରିକ୍ରମା ସମୟରେ ମହିଳାମାନେ ହଳଦୀ ଓ କର୍ପୂର ମିଶା ପାଣିରେ ମା'ଙ୍କ ପାଦ ଧୋଇଥିଲେ। ଏପରିକି ପ୍ରତି ସାହିରେ ମା' ଆସିବା ସମୟରେ ନୂଆ ଲୁଗା ରାସ୍ତାରେ ପକାଯାଇଥିଲା। ଏଥିସହ ପୂର୍ବରୁ ପୂଜା କରି ରଖିଥିବା ଘଟକୁ ମାନସିକଧାରୀ ମହିଳାମାନେ ମା'ଙ୍କ ସହିତ ଯାଇଥିଲେ। ଜଉରା ସାହି ସ୍ଥିତ ମାଉସୀ ମା' ମନ୍ଦିରରେ ମା' ଠାକୁରାଣୀ ପହଞ୍ଚିଥିଲେ। ସେଠାରେ ମା'ଙ୍କୁ ପୋଡପିଠା ଭୋଗ କରାଯାଇଥିଲା। ଏହାପରେ ମା' ପୁଡିପେଦିରୀ ସାହି ଓ ଖୋର୍ଦ୍ଦା ସାହି ହୋଇ ମା' ଠାକୁରାଣୀ ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲେ। ମୁଖ୍ୟ ମନ୍ଦିରରେ ଠାକୁରାଣୀ ପହଞ୍ଚିବା ପରେ ପ୍ରଥମ ଦିନରେ ତାଙ୍କ ମସ୍ତକରୁ ଖସିଥିବା ସତେଜ ଇଟିମଳା ଫୁଲକୁ ଘଟରୁ ବାହାର କରାଯାଇ ମା'ଙ୍କ ମସ୍ତକରେ ସ୍ଥାପନ କରାଯାଇଥିଲା। ଏହାପରେ ମୁଖ୍ୟ ଘଟ ସହ ଆସିଥିବା ଲକ୍ଷାଧିକ ମାନସିକଧାରୀଙ୍କ ଘଟ ମନ୍ଦିର ମଧ୍ୟରେ ବିସର୍ଜନ କରାଯାଇଥିଲା। ତେବେ ୨୮ ଦିନ ଯାତ୍ରାରେ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଓ ଉଲ୍ଲାସ ଭରି ଦେଇଥିବା ବେଳେ ମା' ଫେରିବା ସମୟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।



ମା'ଙ୍କ ଟାହିଆ।



ମା' ଯିବା ସମୟରେ ପ୍ରଭା ନାଚ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



ସାଧିକା



@ ବିଷ୍ଣୁପ୍ରିୟା



@ କାଜଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଦ ପିଇବାକୁ ମନା କରିବାରୁ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ

**ଅଭିଯୁକ୍ତ ଗିରଫ, ବନ୍ଧୁକ ସହ ଗୁଳି ଜବତ**

ବ୍ରହ୍ମପୁର ଅଫିସ,୨।୫

ବ୍ରହ୍ମପୁର ଗିରିରୋଡଠାରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ ଆକ୍ରମଣ କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଗୋଷାଣୀନୂଆଗାଁ ଡାମଣା ସାହିର ହିମାଂଶୁ ସାହୁ ଓରଫ ମୁନା(୨୬)। ପୋଲିସ ହିମାଂଶୁଙ୍କ ନିକଟରୁ ଏକ ବନ୍ଧୁକ ସହ ୪ଟି ଗୁଳି ଜବତ କରିଛି। ପୋଲିସ ମାମଲା ନମ୍ବର ୧୬୭/୨୩ରେ ହିମାଂଶୁଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ଗିରିରୋଡଠାରେ ଜି. ରାଜକୁମାର ପାତ୍ରଙ୍କ ଭେରାଇଟ ଷ୍ଟୋର ରହିଛି। ସୋମବାର ରାତିରେ ହିମାଂଶୁ ନିଜର କେତେକ ସହଯୋଗୀଙ୍କ ସହ ମିଶି ସେହି ଭେରାଇଟି ଷ୍ଟୋର ନିକଟରେ ନିଶାପାନ କରୁଥିଲେ। ତେବେ ଦୋକାନ ନିକଟରେ କାହିଁକି ମଦ୍ୟପାନ କରୁଛ ବୋଲି ରାଜକୁମାର ତାଙ୍କୁ ବାରଣ କରିଥିଲେ । ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ମଙ୍ଗଳବାର ପୂର୍ବାହ୍ନରେ ରାଜକୁମାର ନିଜ ଦୋକାନରେ ବସିଥିବା ବେଳେ ହିମାଂଶୁ ସେଠାରେ ପହଞ୍ଚିଥିଲେ। ସୋମବାର ରାତିର ଘଟଣାକୁ କେନ୍ଦ୍ର କରି ହିମାଂଶୁ ବନ୍ଧୁକ ଦେଖାଇ ରାଜ କୁମାରଙ୍କୁ ଭୟଭୀତ କରିବା ସହ ଆକ୍ରମଣ କରିଥିଲେ । ଆକ୍ରମଣରେ ରାଜକୁମାର ଆହତ ହେବା ପରେ ହିମାଂଶୁ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ରାଜକୁମାର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ହିମାଂଶୁଙ୍କୁ ଗିରଫ କରିଥିବା କହିଛି।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା ପ୍ରମାଣ ଅଭାବରୁ ଯୁବକ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨।୫: ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଜଣେ ଯୁବକଙ୍କୁ ୯ ବର୍ଷ ପରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବାଡ଼ି ଗ୍ରାମର ପିଣ୍ଟୁ ବିଷୋୟୀ(୩୭)। ପ୍ରକାଶ ଯେ, ୨୦୧୩ ନଭେମ୍ବର ୧୮ରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଏକ ବାଇକ୍‌ରେ ଅପହରଣ କରାଯାଇଥିବା ନେଇ ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୦୩/୧୩ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ତିନିଦିନ ପରେ ନାବାଳିକାଙ୍କୁ ଏକ ଘରଭିତରୁ ପୋଲିସ ଉଦ୍ଧାର କରିଥିଲା। ଥାନାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ନାବାଳିକାଙ୍କୁ ପିଣ୍ଟୁ ବିଷୋୟୀ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ଅପହରଣ କରି ଦୁହେଁ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ତାଙ୍କ ବୟାନରେ ଉଲ୍ଲେଖ କରିଥିଲେ। ପୋଲିସ ପିଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ଏହି ମାମଲାରେ ସମ୍ପୃକ୍ତ ଥିବା ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ନୀହାର ରଞ୍ଜନ ମହାନ୍ତି କୋର୍ଟରେ ଅଭିଯୋଗ ଦାଖଲ କରିଥିଲେ। ପରେ ପିଣ୍ଟୁଙ୍କୁ ଜାମିନ ମିଳିଥିଲା। ଏହି ମାମଲାର ବିଚାର ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ପିଣ୍ଟୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ମୋହନା ସିଙ୍ଗାରି ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ବୀରେନ କୁମାର ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଅନୋଜ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ପୁରାତନ ଛାତ୍ରସଂଘର ବନ୍ଧୁମିଳନ

ବ୍ରହ୍ମପୁର ଅଫିସ, ୨।୫

ଗୋପାଳପୁର ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ମହାବିଦ୍ୟାଳୟରେ ପୁରାତନ ଛାତ୍ରସଂଘର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼.ରାମପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଉଚ୍ଚ ଶିକ୍ଷା ଉପନିର୍ଦ୍ଦେଶକ ଡ଼.ସିଦ୍ଧାର୍ଥ ଶଙ୍କର ପାଢ଼ୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭବେ ପୂର୍ବତନ ଅଧ୍ୟକ୍ଷ ଏସ୍.ରାମାରାଓ, ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ଚୌଧୁରୀ ଉପସ୍ଥିତ ଥିଲେ। ଆଲୁମ୍‌ନି ଆସୋସିଏଶନ ସଭାପତି ଏସ୍.ଏ.ଜାନକୀ ରାଓ, ରାଜୀବ ଲୋଚନ ମିଶ୍ର, ଉପଦେଷ୍ଟା





ପୁରାତନ ଛାତ୍ରସଂଘ ବନ୍ଧୁମିଳନରେ ଯୋଗ ଦେଇଥିବା ଅତିଥି ।

ଆଶୁତୋଷ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ଏଥିରେ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ.ରାମଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଲୁମ୍‌ନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହାକୁ ପୂର୍ବତନ ଛାତ୍ର ଶୁଭମ୍ ଲିମା ସଂଯୋଜନା କରିଥିଲେ।

# ଗାଡ଼ି ଧକ୍କାରେ ପରିବା ବ୍ୟବସାୟୀ ମୃତ

ଗଞ୍ଜାମ,୨।୫(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ହୁମ୍ମା ଫାଣ୍ଡି ଅନ୍ତର୍ଗତ ଦଶଟାଙ୍କି ନିକଟରେ ଏକ ଗାଡି ଧକ୍କାରେ ଜଣେ ପରିବା ବ୍ୟବସାୟୀଙ୍କ ସୋମବାର ସକାଳେ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ବାଲିବଗଡ଼ ଗ୍ରାମର ଏ. ଲୋକନାଥ ରେଡ୍ଡୀ( ୫୫)। ଗଞ୍ଜାମ ବ୍ଲକର ବୁରୁଡି ଅଞ୍ଚଳରୁ ବାଇକ୍‌ରେ ପରିବା ବୋଝେଇ କରି ବ୍ୟବସାୟୀ ଜଣଙ୍କ ଛତ୍ରପୁର ଅଭିମୁଖେ ଆସୁଥିବା ବେଳେ କୌଣସି ଏକ ଅଜଣା ଗାଡି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଉକ୍ତ ଗାଡିର ଚକା ତାଙ୍କ ହେଲମେଟ ଉପରେ ଚଢିଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ୫ ଜୁଆ ଖେଳାଳି ଗିରଫ

ବ୍ରହ୍ମପୁର ଅଫିସ,୨।୫

ନିମଖଣ୍ଡି ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ମୋବାଇଲ, ଟଙ୍କା ଓ ବାଇକ ଜବତ କରିଥିବା କହିଛି। ମାମଲା ନମ୍ବର ୧୩୮/୨୩ ରୁଜୁ ହୋଇଛି। ସୋମବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ ବେଳେ ଜଗଦଳପୁରରେ ଜୁଆ ଖେଳ ଚାଲିଥିବା ଖବର ପାଇଥିଲା। ସେଠାରେ ଚଢାଉ କରି ୫ଜଣଙ୍କୁ କାବୁ କରିଥିଲା। ପୋଲିସକୁ ଦେଖି ଘଟଣା ସ୍ଥଳରୁ ଅନ୍ୟ କେତେକ ଜୁଆଡ଼ି ସେଠାରୁ ଚମ୍ପଟ ମାରିଥିଲେ। ଘଟଣା ସ୍ଥଳରୁ ୨୨ଶହ ଟଙ୍କା, ୩ଟି ମୋବାଇଲ, ୬ଟି ବାଇକ୍ ଜବତ ହୋଇଥିବା ପୋଲିସ କହିଛି।

# ୪୦ରୁ ଉର୍ଦ୍ଧ୍ୱ ଡାକ୍ତରୀ ଛାତ୍ରଙ୍କ ନାମରେ ମାମଲା

**ଘରେ ପଶି ଅପହରଣ**

ବ୍ରହ୍ମପୁର ଅଫିସ,୨।୫

ଗତ ୨୯ତାରିଖ ବିଳମ୍ବିତ ରାତିରେ ଲାଞ୍ଜିପଲ୍ଲୀର ସୂରଜ କୁମାର ପାଢୀଙ୍କୁ ତାଙ୍କ ଘରୁ କେତେକ ଏମ୍‌କେସିଜି ମେଡିକାଲ ଡାକ୍ତରୀ ଛାତ୍ର ଅପହରଣ କରିନେଇ ତାଙ୍କୁ ମାରପିଟ କରିଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ୪୦ରୁ ୫୦ଜଣ ଡାକ୍ତରୀ ଛାତ୍ରଙ୍କ ନାମରେ ସେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୮୨/୨୩ରେ ଏକ ମାମଲା ରୁଜୁ କରିଛି। ଡାକ୍ତରୀ ଛାତ୍ରମାନେ କଲେଜ କ୍ୟାମ୍ପସ ବାହାରକୁ ଯାଇ ସୂରଜଙ୍କୁ ତାଙ୍କ ଘରୁ କାହିଁକି ଅପହରଣ କରିଥିଲେ ସେନେଇ ପୋଲିସ ତଦନ୍ତ ଜାରି ରଖିଥିବା କହିଛି। ମଙ୍ଗଳବାର ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଡାକ୍ତରୀ ଛାତ୍ରଙ୍କୁ ଥାନାକୁ ଡାକି ପଚରାଉଚରା କରିଥିବା ଜଣାପଡିଛି। ପ୍ରକାଶ ଯେ, ଗତ ୨୯ ତାରିଖ ରାତିରେ ସୂରଜ ଲାଞ୍ଜିପଲ୍ଲୀ ଚଣ୍ଡୀମନ୍ଦିର ସାହିରେ ନିଜ ଘରେ ଶୋଇଥିଲେ। ୪୦ରୁ ୫୦ ଜଣ ଡାକ୍ତରୀ ଛାତ୍ର ସେଠାରେ ପହଞ୍ଚି ତାଙ୍କୁ ଜବରଦସ୍ତ ବାଇକ୍‌ରେ ବସାଇ ଅପହରଣ କରି ନେଇଥିଲେ। ଏମ୍‌କେସିଜି ମେଡିକାଲ କଲେଜ ଛାତ୍ରାବାସରେ ଯୁବକଙ୍କୁ ଅଟକ ରଖି ମାରପିଟ କରିଥିଲେ। ଖବର ଜଣାପଡିବା ପରେ ପୋଲିସ ସୂରଜଙ୍କୁ ଡାକ୍ତରୀ ଛାତ୍ରଙ୍କ କବଳରୁ ଉଦ୍ଧାର କରିଥିଲା। ହସ୍ପିଟାଲରେ ଚିକିତ୍ସିତ ହେବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣର କାରଣ ଜଣାପଡି ନାହିଁ।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ, ୨।୫

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଆଇଆରପିଏମ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ନୂତନ କନଫରେନ୍ସ ହଲରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ବିଭାଗର ବରିଷ୍ଠ ପ୍ରଫେସର ବିଭୂତି ଭୂଷଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଡ.ସୁଶାନ୍ତ କୁମାର ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଶା ଟ୍ରେଡ୍ ୟୁନିୟନ ନେତା ଅଳି କିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ଅତିଥି ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେହିପରି ମୁଖ୍ୟ ବକ୍ତା ଶ୍ରମିକଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ.ସତ୍ୟବ୍ରତ ପାତ୍ର, ଡ.ଅନୁଭା ଚୌଧୁରୀ, ଡ.ଇତିଶ୍ରୀ ଗୀତା କୁମାରୀ, ଡ.ଭରତ କୁମାର ଲାକ୍ରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ବିଦାୟକାଳୀନ ଉତ୍ସବ



ସ୍ନାତକୋତ୍ତର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବିଦାୟକାଳୀନ ସମାରୋହ ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ, ୨।୫

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ.ଗଣେଶ ସେଠୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଭାଗର ଡ.ଜୟନ୍ତ କୁମାର ପଣ୍ଡା, ଡ.ବନ୍ଦିତା କୁମାରୀ ପଣ୍ଡା, ଡ.ଚିନ୍ନୁ ବହିଦାର, ଡ.ଅଗ୍ନିକୁମାର ବେହେରା, ଡ.ସୌରଭ ସେଠ, ଡ.ମିହିର କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମାରୋହରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଆଗାମୀ ଭବିଷ୍ୟତ ନିମନ୍ତେ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ସେମାନଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରଥମ ବର୍ଷ ଛାତ୍ରୀ ଜୁପିଟର ଶତପଥୀ ଓ ଆଦିତ୍ୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

ପାରଳାଖେମୁଣ୍ଡି, ୨।୫ (ଡି.ଏନ୍.ଏ): ଗଜପତି ଜିଲାର ୩୨ ତମ ଅତିରିକ୍ତ ଜିଲାପାଳ ଭାବେ ରାଜେନ୍ଦ୍ର ମିଞ୍ଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ କାର୍ଯ୍ୟରତ ପୂର୍ବତନ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କୁ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ରେଜିଷ୍ଟ୍ରାର ଭାବେ ବଦଳି ହୋଇଥିବାରୁ ପଦବୀଟି ଖାଲି ପଡିଥିଲା । ନୂତନ ଅତିରିକ୍ତ ଜିଲାପାଳ ଶ୍ରୀ ମିଞ୍ଜ ପୂର୍ବରୁ ବ୍ରହ୍ମପୁର ସ୍ଥିତ ଭେଷଜ ମହାବିଦ୍ୟାଳୟରେ ନିବନ୍ଧକ ଭାବେ ଦାୟିତ୍ୱ ତୁଲାଉଥିଲେ ।

### ୱାର୍ଡ ମେମ୍ବର ନିର୍ବାଚନ: ୫୦ ପ୍ରତିଶତ ମତଦାନ

ଆସିକା, ୨।୫ (ଡି.ଏନ୍.ଏ): ଆସିକା ବ୍ଲକର ୬ଟି ପଞ୍ଚାୟତର ୬ଟି ୱାର୍ଡ ଲାଗି ମଙ୍ଗଳବାର ନିର୍ବାଚନ ଶୃଙ୍ଖଳାର ସହ ସରିଥିବା ବେଳେ ହାରାହାରି ୫୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି। ବିଭିନ୍ନ ବୁଥରେ ସମୁଦାୟ ୧୮୯୮ ମତଦାତାଙ୍କ ମଧ୍ୟରୁ ୯୬୧ଜଣ ସେମାନଙ୍କ ମତସାବ୍ୟସ୍ତ କରିଥିବା ଜଣାଯାଇଛି। ନିର୍ବାଚନ ଅଧିକାରୀ ତଥା ଆସିକା ବିଡିଓ ଫକୀର ଚରଣ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୁକାନ୍ତ କୁମାର ନାୟକ ଓ ସେକ୍ଟର ଅଫିସରମାନେ ମତଗ୍ରହଣ ନିୟୋଜିତ ଥିଲେ ।

### ଦନ୍ତା ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

ଭଞ୍ଜନଗର, ୨।୫(ଡି.ଏନ୍.ଏ): ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ ତିନିଛକିଆ ନିକଟରେ ସୋମବାର ପ୍ରତ୍ୟୁଷରେ ଦନ୍ତା ହାତୀ ଆକ୍ରମଣରେ ଉମା ନାୟକ ନାମକ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ଆହତ ତାଙ୍କୁ ପରିବାର ଲୋକେ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି।

### ଶେରଗଡ଼ରେ ୬୯ ପ୍ରତିଶତ ମତଦାନ

ଶେରଗଡ, ୨।୫(ଡି.ଏନ.ଏ.): ଶେରଗଡ ବ୍ଲକରେ ଦୁଇଟି ପଞ୍ଚାୟତର ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବରମୁଣ୍ଡଲୀ ଓ କୁମାରପାଣି ପଞ୍ଚାୟତ ସହିତ ପିତଳ, ନରେନ୍ଦ୍ରପୁର, କୁଷ୍ଟଛାଇ, ତାକରଡା ଓ ଶେରଗଡର ଗୋଟିଏ ଲେଖାଏଁ ୱାର୍ଡ ପାଇଁ ମତଦାନ ସରିଛି। ମୋଟ ୨୨ ଟି ବୁଥରେ ମତଦାନ ହୋଇଥିଲା। ପୂରା ୩୧ଟି ବୁଥରେ ମୋଟ ୧୦୧୯୪ ଜଣ ଭୋଟର ଥିବା ବେଳେ ମୋଟ ୬୭୮୭ ଜଣ ମତଦାତା ନିଜର ଭୋଟ ଦେଇଛନ୍ତି। ମୋଟ ୬୯ ପ୍ରତିଶତ ମତଦାନ ହୋଇଛି। ମତଦାନ ଶାନ୍ତିପୂର୍ଣ୍ଣ ହୋଇଛି ବୋଲି ବିଡିଓ ଶିବାଶିଶଷ ବରାଳ ଓ ଗ୍ରାମ ପଞ୍ଚାୟତ ଅଧିକାରୀ ଜି. ରବିକୁମାର କହିଛନ୍ତି। ସମସ୍ତ ବାଲେଟ ବକ୍ସଗୁଡିକ ସୁରକ୍ଷିତ ଭାବେ ଷ୍ଟ୍ରଙ୍ଗରୁମରେ ରଖାଯାଇ ପୋଲିସ ମୁତୟନ କରାଯାଇଛି ବୋଲି ତହସିଲଦାର ତ୍ରିଦେବ ରଥ କହିଛନ୍ତି।

### ଦନ୍ତା ହାତୀ ଘର ଭାଙ୍ଗିଲା

**ପୋଲସରା, ୨।୫:** ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରୀପଡା ଗ୍ରାମପଞ୍ଚାୟତର ଉସ୍ତା ଗ୍ରାମରେ ବସବାସ କରୁଛନ୍ତି ସୁରେନ୍ଦ୍ର ଗୌଡ଼ଙ୍କ ପରିବାର। ଗତ ଦୁଇ ଦିନ ତଳେ ହାତୀ ସେମାନଙ୍କ ଘର ଭାଙ୍ଗି ଦେବା ସହ ଧାନ ଚାଉଳ ନଷ୍ଟ କରିଦେଇଛି। ପାଣ୍ଡିରୀପଡା ସରପଞ୍ଚ ରଘୁନାଥ ଭୂୟାଁ ପହଞ୍ଚି ପରିବାରଙ୍କୁ ସାନ୍ତନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଏବଂ ସେହି ଗ୍ରାମର ଲୋକମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଠାକୁରାଣୀ ମନ୍ଦିର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ସମୟରେ ସାମାଜିକ କର୍ମୀ କାହ୍ନୁଚରଣ ସାହୁ, କୈଳାସ ଚନ୍ଦ୍ର ପ୍ରଧାନ, ଲବାଣ୍ୟ ବେହେରା, ଜିତେନ୍ଦ୍ର ଗୁରୁ, ବିପ୍ର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶ୍ରମିକଙ୍କ ଶ୍ରମଦାନରେ ବିଶ୍ୱର ଉନ୍ନତି ହୋଇଛି

**ଫୁଲବାଣୀ ଅଫିସ/ ଆସିକା/ ପାରଳାଖେମୁଣ୍ଡି (ଡି.ଏନ୍.ଏ)୨।୫:**



ପାରଳାଖେମୁଣ୍ଡିଠାରେ ଆୟୋଜିତ ଶ୍ରମିକ ଦିବସ ବୈଠକରେ ଅତିଥିମାନେ।



ଫୁଲବାଣୀଠାରେ ଆୟୋଜିତ ବୈଠକରେ ଅତିଥି।

ଶ୍ରମିକମାନଙ୍କ ଉପଲକ୍ଷେ ଫୁଲବାଣୀ ଗାନ୍ଧି ସ୍ମୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କନ୍ଧମାଳ ଉପଜିଲାପାଳ ଶେଷଦେବ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ମିଶ୍ର କହିଛନ୍ତି କି ସାରା ବିଶ୍ୱର ମାନଚିତ୍ର ବଦଳିବାରେ ମୁଖ୍ୟ ଭୂମିକା ରହିଛି ଶ୍ରମିକମାନଙ୍କର। ସେ କୁଶଳୀ ହେଉ ବା ଅଣ କୁଶଳୀ। ସେମାନଙ୍କ ଶ୍ରମ ଦାନ ଫଳରେ ଆଜି ସାରା ବିଶ୍ୱର ଉନ୍ନତି ସମ୍ଭବ ହୋଇପାରିଛି। ସେଥିପାଇଁ ସେମାନଙ୍କୁ ଆଜିର ଦିନରେ ପୁରସ୍କୃତ କରାଯିବା ସହ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା ମଧ୍ୟ କରାଯାଉଛି। ସମ୍ମାନିତ ଅତିଥିଭାବେ ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ଯୋଗଦେଇଥିଲେ। ସମନ୍ୱୟ କମିଟି ସଭାପତି ପ୍ରଫୁଲ୍ଲ ବେହେରା ଯୋଗଦେଇ ଜିଲାର ଶ୍ରମିକ ତଥା ସେମାନଙ୍କର ପରିବାରର ଉନ୍ନତି ପାଇଁ ଥିବା ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଲୋଡ଼ିଥିଲେ। ଜିଲା ଶ୍ରମ ଅଧିକାରୀ ତେଜ୍ କୁମାର ବାଗେ ଶ୍ରମିକଙ୍କ ପାଇଁ ଥିବା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଓଡ଼ିଶା କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୪୭୮ଜଣ ହିତାଧିକାରୀଙ୍କ ହିସାବ ଖାତାକୁ ମୋଟ ୩ କୋଟି ୨୩ଲକ୍ଷ ୮୨ହଜାର ୨୦୦ଟଙ୍କା ପଠାଯିବ। ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ତରଫରୁ ୫ ଜଣ ହିତାଧିକାରୀଙ୍କ ହିସାବ ଖାତାକୁ ୫ଲକ୍ଷ ଟଙ୍କା ଏବଂ ଉଭୟ ବୋର୍ଡ ତରଫରୁ ୪୨୩ ଜଣଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯିବ ବୋଲି ବାଗେ ସୂଚନା ଦେଇଥିଲେ।

ସେହିପରି ଆସିକାର ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସୋମବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଥିଲା। ଆସିକା ଟିନିଶିଳ୍ପ ଶ୍ରମିକମାନଙ୍କ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଆଇଟିୟୁସି ସର୍ବଭାରତୀୟ ସଂପାଦକ ମଣ୍ଡଳି ସଦସ୍ୟ ତଥା ଶ୍ରମିକ ସଂଘର ସଭାପତି ରାମକୃଷ୍ଣ ପଣ୍ଡା, ସିପିଆଇ ଜିଲା ସଂପାଦକ ପ୍ରକାଶ

## ଶ୍ରମିକ ଦିବସ ପାଳିତ

ପାତ୍ର, ଅଖିଳ ଭାରତ ଯୁବ ଫେଡେରେଶନ୍ୟ ରାଜ୍ୟ ସଭାପତି ପ୍ରଦୀପ କୁମାର ସେଠୀ, ସଂଘର ଉପଦେଷ୍ଟା ବିଦେଶୀ ନାହାକ, ଶ୍ରୀପଲ୍ଲୀ ସୁନ୍ଦର ଦାସ ପ୍ରମୁଖ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିଭଳି ଓଡିଶା ନିର୍ମାଣ ଶ୍ରମିକ ୟୁନିଅନ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂପାଦକ ରାମଚନ୍ଦ୍ର ବାଡତ୍ୟା, ଟିୟୁସିଆଇ ରାଜ୍ୟ ସଂଯୋଜକ ଶଙ୍କର ସାହୁ, ରାଜନ ନାହାକ, ପଦ୍ମନ ବାରିକ ପ୍ରମୁଖ ଯୋଗଦେଇ ଶ୍ରମିକ ଶୋଷଣ ବିରୁଦ୍ଧରେ ଶ୍ରମିକମାନେ ସଂଘବଦ୍ଧ ହେବା ପାଇଁ ଆହ୍ୱାନ କରିଥିଲେ । ସେହିଭଳି ଆସିକା ବସଷ୍ଟାଣ୍ଡ ଛକ ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସିପିଏମ ବ୍ଲକ ସଂପାଦକ ଲକ୍ଷ୍ମଣ ପାଢୀ, ଅମୂଲ୍ୟ ବେବର୍ତ୍ତା, ସୁବାସ ପ୍ରଧାନଙ୍କ ସମେତ ସିପିଆଇର ବହୁ ବରିଷ୍ଠ ନେତା ଯୋଗଦେଇ ଶ୍ରମିକ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ।

ସେହିପରି ଗଜପତି ଜିଲାସ୍ତରୀୟ ଶ୍ରମିକ ଦିବସ ପାରଳାଖେମୁଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମ ଦିବସର ଗୁରୁତ୍ୱ ବିଷୟରେ ଉପସ୍ଥାପନ କରିବା ସହ ସବୁ ବର୍ଗର ଶ୍ରମିକଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବିଧାୟକ ମୋହନା ଦାଶରଥି ଗମାଙ୍ଗ ଓ ପାରଳାଖେମୁଣ୍ଡି ବିଧାୟକ ପ୍ରତିନିଧି ଆଦର୍ଶ ଦାସ, ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀ, ଗୋଷାଣୀ ପଞ୍ଚାୟତ ସମିତି ଅଧକ୍ଷ ଏନ.ବିରା ରାଜୁ, ଜିଲ୍ଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଜିଲାପାଳ ପଣ୍ଡା ବିଭିନ୍ନ ବର୍ଗର ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ଆଇନ ସମ୍ବନ୍ଧରେ ସୂଚନା ଦେବା ସହ ଶ୍ରମିକଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ବିଭିନ୍ନ ଶ୍ରମିକ କଲ୍ୟାଣ ବୋର୍ଡରେ ଶ୍ରମିକଙ୍କ ପଞ୍ଜିକରଣ ଓ ସହାୟତା ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ। ଶେଷରେ ୭୧୦ଜଣ ଶ୍ରମିକଙ୍କୁ ୧କୋଟି ୮୪ ଲକ୍ଷ ୧୩ ହଜାର ୨୦୦ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**କାଶୀନଗର, ୨।୫:**

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ କାଶୀନଗର ଏନଏସି ୧୧ନମ୍ବର ୱାର୍ଡବାସିନ୍ଦା ବରିଷ୍ଠ ନାଗରିକ ଟି. ଦଶରଥ ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଅବଦୁଲ କାଲାମ ଯୁବକ ସଂଘ ପକ୍ଷର ବଂଶଧାରା ପାଠାଗାର ପରିସରରେ ଆୟୋଜିତ ସମାବେଶରେ ସାମ୍ବାଦିକ ରାଜେଶ ମିସାଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୁବ ଆଇନଜୀବୀ ଏମ. ପ୍ରବୀଣ କୁମାର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ କାଶୀନଗର ନାଗରିକ ମହାସଭା ସଭାପତି ତଥା ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ରାଜ୍ୟ ସଭାପତି କବି ପ୍ରଶାନ୍ତ ମିଶ୍ର ମଂଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ହୃଷିକେଶ ଗୌଡ଼, କାଉନ୍ସିଲର କେ. ରାମାରାଓ, ଶିକ୍ଷକ କିଶୋର ନାଗବଂଶ, ଅଶୋକ କୁମାର ଗୌଡ଼ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆୟୋଜକ ଯୁବସଂଘର କର୍ମକର୍ତ୍ତା କେ. ରାମବାବୁ, ଟି. କ୍ରୀଷ୍ଣା, ପି. ମୂରଲୀ, ଶୁଭ୍ରାଂଶୁ ପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକଙ୍କ ଶ୍ରମ ପ୍ରତି ଥିବା ଶ୍ରଦ୍ଧା ସମ୍ମାନ ଉପରେ ଆଲୋକପାତ କରିଥିଲେ।

## ମିଶନ ଶକ୍ତି ମିଲେଟ ଆଉଟ୍‌ଲେଟ ଉଦ୍‌ଘାଟିତ

**ଛତ୍ରପୁର, ୨।୫(ଡି.ଏନ୍.ଏ):**


ମିଶନ ଶକ୍ତି ମହିଳା।

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଠାରେ ପ୍ରଥମ କରି ମିଶନ ଶକ୍ତି ମିଲେଟ ଆଉଟ୍‌ଲେଟ ଓ ମିଶନ ଶକ୍ତି କାଫେ ମଙ୍ଗଳବାର ଉଦଘାଟିତ ହୋଇଛି। ଏହାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଉଦଘାଟନ କରିଛନ୍ତି। ମିଲେଟ ଆଉଟଲେଟରେ ମାଣ୍ଡିଆରେ ପ୍ରସ୍ତୁତ କେକ, ଲଡୁ, ବିସ୍କୁଟ, ଜିଲାପି, ମାଲପୁଆ, ମାଣ୍ଡିଆ ଚୁନା ଆଦି ବିକ୍ରି ଆରମ୍ଭ ହୋଇଛି। କାଫେରେ ମହିଳା ସଙ୍ଘର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ଜଳଖିଆ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ବିକ୍ରି କରାଯାଉଛି। ମିଶନଶକ୍ତି ଛତ୍ରପୁର ବ୍ଲକସ୍ତରୀୟ ମହାସଂଘକୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ଏଭଳି ମିଶନ ଶକ୍ତି ମିଲେଟ ଆଉଟଲେଟ ଖୋଲିବ ବୋଲି ଜିଲାପାଳ କହିଛନ୍ତି। ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟକୁ ପ୍ରୋତ୍ସାହନ କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହାର ସଚେତନତା ପାଇଁ ୬ଟି ରଥକୁ ପତାକା ଦେଖାଇ ଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ୨୫ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କିର୍ତିଭାସନ, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ମୁଖ୍ୟ ଜିଲା କୃଷି ଅଧିକାରୀ ଦିଲୀପ କୁମାର ଖୁଣ୍ଟିଆ, ଛତ୍ରପୁର ଅତିରିକ୍ତ ଜିଲା କୃଷି ଅଧିକାରୀ ବିଦୁର ମାଝୀ, ଆତ୍ମା ଉପ ପ୍ରକଳ୍ପ ନିର୍ଦ୍ଦେଶକ ଅଜିତ କୁମାର ମହାପାତ୍ର, ଡିପିସି ଶାଶ୍ୱତ ସାହୁ, ଶୈଳବାଳା ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ପାରଳାଖେମୁଣ୍ଡି, ୨।୫(ଡି.ଏନ୍.ଏ): ଗଜପତି ଜିଲା ଆର୍.ଉଦୟଗିରି ଥାନା ଅନ୍ତର୍ଗତ ଛେଲିଗଡ ଗ୍ରାମରେ ଜଣେ ନାବାଳିକାଙ୍କୁ ବଳପୂର୍ବକ ସେହି ଗ୍ରାମର ଜଣେ ଯୁବକ ଜଙ୍ଗଲକୁ ଟାଣି ନେଇ ବଳାତ୍କାର କରିଥିବା ସୋମବାର ଅଭିଯୋଗ ହୋଇଥିଲା। ଆର୍.ଉଦୟଗିରି ପୋଲିସ ନଂ ୪୯/୨୩ରେ ମାମଲା ରୁଜୁ କରି ମାଗୁଣି ପାଇକଙ୍କୁ ଗିରଫ କରିଛି। ସୋମବାର ପୀଡ଼ିତାଙ୍କ ମା’ ମଝିଆ ଝିଅଙ୍କୁ ଧରି ସକାଳେ କାଜୁ ଫଳ ବିକ୍ରି କରିବା ନିମନ୍ତେ ଛେଲିଗଡ ବଜାରକୁ ଯାଇଥିଲେ। ଘରେ ବଡଝିଅ ଓ ସାନଝିଅ ଥିଲେ। ତେବେ ୧୦ଟା ବେଳେ ଘରକୁ ଫେରି ବଡଝିଅ କାନ୍ଦୁଥିବା ଦେଖି ପଚରାଉଚରା କରିଥିଲେ। ଅଭିଯୁକ୍ତ ମାଗୁଣି ପାଇକ ବଳପୂର୍ବକ ଘରର ବାଡିପଟେ ଥିବା ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିବା କହିଥିଲେ। ଘଟଣା ପ୍ରଘଟ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ପୀଡ଼ିତାଙ୍କ ମା’ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ।

## ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ୨ ଗିରଫ


ଦୁଇ ଗିରଫ ଅଫିଯୁକ୍ତଙ୍କ ସହ ବନ ଅଧିକାରୀମାନେ।

**ଦାରିଙ୍ଗବାଡି, ୨।୫(ଡି.ଏନ.ଏ):**

କନ୍ଧମାଳ ଜିଲା ଦାରିଙ୍ଗବାଡି ବନାଞ୍ଚଳ ସିର୍କାବର୍ଗ ପଞ୍ଚାୟତ ଅଞ୍ଚଳର ସାର୍କିପାଙ୍ଗା ଜଙ୍ଗଲରେ ପୋଡୁ ଚାଷ ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ୨ ଜଣ ଗିରଫ ହୋଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଉକ୍ତ ପଞ୍ଚାୟତ ଆତିନବାଡି ଗ୍ରାମର ରୋହିତ ପ୍ରଧାନ ଏବଂ ସାର୍କିପାଙ୍ଗା ଗ୍ରାମର ଜିସାୟ ପ୍ରଧାନ। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ସତୀଶ କୁମାର ଧାରୁଆ ଜଣାଇଛନ୍ତି। ପ୍ରକାଶ ଯେ, କୋଟଗଡ଼ ବନାଞ୍ଚଳର ଶ୍ରୀରାମପୁର ଅଭୟାରଣ୍ୟ ନିକଟରେ ରହିଛି ଦାରିଙ୍ଗବାଡି ବନାଞ୍ଚଳର ସାର୍କିପାଙ୍ଗା ଜଙ୍ଗଲ। ସୋମବାର ଦାରିଙ୍ଗବାଡି ବନାଞ୍ଚଳ ଅଧିକାରୀ ସତୀଶ କୁମାର ଧରୁଆଙ୍କ ନେତୃତ୍ୱରେ ବନପାଳ ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ବନରକ୍ଷୀ ରୁପିଙ୍ଗ ମଲିକ, ବିଜୟାନନ୍ଦ ସେଠି ପ୍ରମୁଖ ପାଟ୍ରୋଲିଂ କରୁଥିବା ସମୟରେ ରୋହିତ ଏବଂ ଜିସାୟ ଜଙ୍ଗଲରେ ନିଆଁ ଲଗାଉଥିଲେ। ଏହି ସମୟରେ ବନ କର୍ମଚାରୀମାନେ ସେମାନଙ୍କୁ କାବୁ କରିନେଇଥିଲେ। ସେମାନଙ୍କ ବିରୋଧରେ ବିଭାଗ ମାମଲା (୧୨/୨୩) ରୁଜୁକରି ଦୁହିଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

## ମୀନାବଜାର ଉଦ୍‌ଘାଟିତ, ବେଶଧାରୀ ମୁଖ୍ୟ ଆକର୍ଷଣ

**ବୁଗୁଡ଼ା, ୨।୫(ଡି.ଏନ.ଏ.):**

### ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା


ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା।

ପଞ୍ଚ ଠାକୁରାଣୀ ଯାତ୍ରା ମଙ୍ଗଳବାର ସପ୍ତମ ଦିନରେ ପହଞ୍ଚିଥିବା ବେଳେ ବସନ୍ତ ବେହେରାଙ୍କ ଦ୍ୱାରା ଆକର୍ଷଣୀୟ ସଜ୍ଜିତ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ସାହିରେ ବିଭିନ୍ନ ବେଶଧାରୀ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ସୋମବାର ମାନସିକଧାରୀ ମହିଳାମାନେ ପଞ୍ଚ ଠାକୁରାଣୀଙ୍କ ଘଟ ଧାରଣ କରି ବିଭିନ୍ନ ସାହି ଭ୍ରମଣ କରିଥିଲେ। ଏହି ଅବସରରେ ମଙ୍ଗଳବାର ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଯାତ୍ରା ଉପଲକ୍ଷେ ମୀନାବଜାର ଓ ରାମ୍ ଦୋଳି ଉଦଘାଟନ କରାଯାଇଥିଲ। ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ମା’ଙ୍କ ପୂଜା ମଣ୍ଡପ ନିକଟରେ ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି।

## ଧରାକୋଟର ୩ ୱାର୍ଡରେ ମତଦାନ

ଧରାକୋଟ, ୨।୫ (ଡି.ଏନ୍.ଏ): ଧରାକୋଟ ବ୍ଲକର ବରଡାବାଲି ଓ ମଛାକୋଟ ପଞ୍ଚାୟତର ତିନିଟି ୱାର୍ଡରେ ୱାର୍ଡ ମେମ୍ବର ପଦବୀ ପାଇଁ ମତଦାନ ହୋଇଛି। ବରଡାବାଲି ପଞ୍ଚାୟତର ୧୮ନଂ ୱାର୍ଡ ଆଠଘରିଆ ଗ୍ରାମ, ମଛାକୋଟ ପଞ୍ଚାୟତର ୪ ନଂ ୱାର୍ଡ ପଦ୍ମନାଭପୁର ଓ ୯ ନଂ ୱାର୍ଡ ଗମ୍ଭାରୀଗୁଡା ପାଇଁ ମତଦାନ ଶେଷ ହୋଇଛି । ଆସନ୍ତା ୪ ତାରିଖ ଦିନ ଗଣନା ହେବ। ଏହି ତିନୋଟି ୱାର୍ଡ ମେମ୍ବର ପଦବୀ ପାଇଁ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଡିଓ ଡେନିସ୍ ବେହେରା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଓୟୁଏଟିର କୃଷି ଗବେଷଣା କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର

**ଜି. ଉଦୟଗିରି, ୨।୫ (ଡି.ଏନ.ଏ):**

ଜି. ଉଦୟଗିରି ପଦାସାହି ନିକଟରେ ଓୟୁଏଟିର କୃଷି ଗବେଷଣା କେନ୍ଦ୍ର ପାଇଁ ନୂତନ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୃଷି ଓ ବୈଷୟିକ ବିଶ୍ୱ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ଗବେଷଣା କେନ୍ଦ୍ରର ସହଯୋଗୀ ନିର୍ଦ୍ଦେଶକ ଡ. ଜ୍ଞାନଲୋକ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର କୃଷି ବିଶ୍ୱବିଦ୍ୟାଳୟର ଗବେଷଣା ବିଭାଗ ନିର୍ଦ୍ଦେଶକ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ, ଡିରେକ୍ଟର ପ୍ଲାନିଂ ପ୍ରଫେସର ଦୟାନିଧି ମିଶ୍ର , ଜି ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ ନାରାୟଣ ବାର ଯୋଗଦେଇଥିଲେ। ଏଥିରେ ଜି ଉଦୟଗିରି କୃଷି ଗବେଷଣା କେନ୍ଦ୍ର ଓ କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଅକ୍ଷୟ କୁମାର ସେଠୀ, ଦେବେନ୍ଦ୍ର କୁମାର ଦେବତା, ସୁବ୍ରତ କୁମାର ବେହେରା, ସୁଜିତ କୁମାର ମୁଖୀଙ୍କ ସମେତ ଅନ୍ୟ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

## ବକେୟା ଦରମା, ନିୟମିତ ଦାବି


ଶିକ୍ଷୟିତ୍ରୀ ଶିକ୍ଷକ ଦାବିପତ୍ର ଦେଉଛନ୍ତି।

**ଫୁଲବାଣୀ ଅଫିସ, ୨।୫:**

ଦୁଇ ମାସର ବକେୟା ଦରମା ଏବଂ ସରକାର ଘୋଷଣା ଅନୁସାରେ ଚୁକ୍ତିଭିତ୍ତିକରୁ ନିୟମିତ କରିବା ଦାବିରେ ହାଇସ୍କୁଲ ଅତିରିକ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ମଙ୍ଗଳାବର ଏକ ଦାବିପତ୍ର ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି । ୨୦୧୬ ରୁ ୨୦୨୨ ପର୍ଯ୍ୟନ୍ତ ଚାକିରିରେ ଯୋଗ ଦେଇଥିବା ଚୁକ୍ତିଭିତ୍ତିକ ଶିକ୍ଷଙ୍କୁ ରାଜ୍ୟ ସରକାର ନିୟମିତ ଶିକ୍ଷକ ଭାବେ ଘୋଷଣା କରଛନ୍ତି। କିନ୍ତୁ ଚୁକ୍ତିଭିତିକ ପ୍ରଥା ସରକାର ୪୨ ଟି ବିଭାଗରେ କାର୍ଯ୍ୟକାରୀ କରିଥିବା ବେଳେ ଗଣଶିକ୍ଷା ବିଭାଗରେ କରି ନାହାନ୍ତି। ଆମେ ଗତ ଦୁଇ ମାସର ଦରମା ମଧ ପାଇନାହୁଁ। ବାରମ୍ବାର ବିଭଗୀୟ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ଯାଉନାହିଁ। ଆମେ ଏକତ୍ରିତ ହୋଇ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛୁ ବୋଲି ଶିକ୍ଷକମାନେ କହିଛନ୍ତି । ଶିକ୍ଷକ ଭୀଷ୍ମ ଉଠାନସିଂ ଏବଂ ଶିକ୍ଷୟିତ୍ରୀ ସ୍ନେହଲତା ସ୍ୱାଇଁଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବଶୀଘ୍ର ଘଟଣାର ସମାଧାନ ହେବା ସହ ବକେୟା ଦରମା ପ୍ରଦାନ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

## ଦାବି ପୂରଣ ନ ହେଲେ ୧୬ରେ ଓଡ଼ିଶାକୁ ଅନ୍ଧାର କରିଦେବୁ

**ଭଞ୍ଜନଗର, ୨।୫(ଡି.ଏନ.ଏ):**

### ଶ୍ରମିକ ମହାସଂଘର ଚେତାବନୀ



ଶ୍ରମିକ ଦିବସ ଅବସରରେ ଆୟୋଜିତ ବୈଠକରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟ।

ଟାଟା ପାୱାର ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ୨୦୨୦ରେ ନେବାପରଠୁ ବିଦ୍ୟୁତ୍ ଶ୍ରମିକମାନଙ୍କୁ ବର୍ଦ୍ଧିତ ପାରିଶ୍ରମିକ ମିଳୁନାହିଁ। ଠିକା କର୍ମଚାରୀଙ୍କୁ ନିୟମିତ କରାଯାଉନାହିଁ । କର୍ମଚାରୀମାନଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଉପଭୋକ୍ତାଙ୍କୁ ମଧ୍ୟ ବିଭିନ୍ନ ବାଟରେ ଶୋଷଣ କରାଯାଉଛି। କର୍ମଚାରୀମାନଙ୍କ ଲାଗିରହିଥିବା ସମସ୍ୟାଗୁଡ଼ିକ ତୁରନ୍ତ ସମାଧାନ କରାଯାଉ। ନଚେତ ଆସନ୍ତା ୧୬ରୁ ରାଜ୍ୟର ୫ଟି ବିଦ୍ୟୁତ୍ ଶ୍ରମିକ ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯିବ। ଏଥିସହ ଉକ୍ତଦିନ ବିଦ୍ୟୁତ୍ ସେବାକୁ ବନ୍ଦ କରିଦିଆଯିବ। ସୋମବାର ରାଜ୍ୟର ୫ଟି ମହାସଂଘ ପକ୍ଷରୁ ମିଳିତ ଭାବେ ଭଞ୍ଜନଗର ସଂଘ କାର୍ଯ୍ୟାଳୟ ନିକଟରେ ଶ୍ରମିକ ଦିବସ ଅବସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି । ଭଞ୍ଜନଗର ଅଞ୍ଚଳ ସଭାପତି ତ୍ରିନାଥ ଦୋରା ଉତ୍ସବରେ ଅଧକ୍ଷତା କରିଥିଲେ । ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଅମର ଯୁମର ପ୍ରତାପ ସିଂ, ଜଗନ୍ନାଥ ମହାରଣା, ସତ୍ୟବ୍ରତ ପରିଡ଼ା, ଓଏସ୍ଇବି ସଙ୍ଗଠନ ସମ୍ପାଦକ ବିଭୁତି ଭୁଷଣ ମହାନ୍ତି, ଏନଓବିଏମ୍ଏମ୍ ଉପ ସଭାପତି ଗଗନ ବିହାରୀ ଲେଙ୍କା, ଏନଓବିଏମ୍ଏମ୍ ସମ୍ପାଦକ ପ୍ରଫୁଲ ପଟ୍ଟନାୟକ, ମୁଖ୍ୟ ସଙ୍ଗଠନ ସମ୍ପାଦକ ସୁର୍ଯ୍ୟ ନାରାୟଣ ବିଷୋୟୀ, ପ୍ରଭୁଦତ ମିଶ୍ର, ସଞ୍ଜିବ ପ୍ରସାଦ ବେହେରା, ଓବିକେଏମ୍ ସମ୍ପାଦକ ମନୋରଞ୍ଜନ ବିଶ୍ୱାଳ, ଟେକ୍ନିକାଲ କର୍ମଚାରୀ ସଂଘ ସଭାପତି ପ୍ରମୋଦ ଦାସ, ଆଞ୍ଚଳିକ ସମ୍ପାଦକ ଦୁର୍ଗା ନନ୍ଦ, ଯୁଗ୍ମ ସମ୍ପାଦକ ରମେଶ ଭୋଇ, ସାଧାରଣ ସମ୍ପାଦକ କ୍ଷିରୋଦ କୁମାର ସେଠୀ ପ୍ରମୁଖ ଉତ୍ସବରେ ମଞ୍ଚାସୀନ ଥିଲେ । ମନୋଜ ପଣ୍ଡା ସଭାକୁ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଶ୍ରମିକ ଦିବସ ପାଳିତ

ବେଗୁନିଆପଡ଼ା,୨।୫- କୋଦଳା ୟୁଥ୍ ଫୋରମ୍ ପକ୍ଷରୁ ସୋମବାର ଏକ ଟିମ୍ ଏନ୍ଏସି ସ୍ଥିତ ଏମ୍‌ସିସି ପ୍ଲାଣ୍ଟଠାରେ ପହଞ୍ଚି ଏଠାରେ କାର୍ଯ୍ୟ କରୁଥିବା ସମସ୍ତ ସ୍ୱଚ୍ଛ ସାଥି, ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦେଇ କେକ୍ କାଟି ଶ୍ରମିକ ଦିବସ ପାଳନ କରିଥିଲେ। କୋଦଳା ୟୁଥ୍ ଫୋରମ୍ ସଭାପତି ରଞ୍ଜିତା ସାହୁଙ୍କ ନେତୃତ୍ୱରେ ୭୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏଥିରେ ଯୋଗଦେଇ ୬୬ ଜଣ ସ୍ୱଚ୍ଛ ସାଥି, ସଫେଇ କର୍ମଚାରୀଙ୍କୁ ଉପଢୌକନ ପ୍ରଦାନ କରିବା ସହ ସେମାନଙ୍କୁ କେକ୍, ମିଠା ଖୁଆଇ ଖୁସି ମନାଇଥିଲେ।

### ଆକ୍ରମଣରେ ୨ ଆହତ

ପୋଲସରା,୨।୫(ଡି.ଏନ.ଏ.)-ପୋଲସରା ଥାନା ଅଧୀନ ନିମିନା ଗ୍ରାମରେ ସୋମବାର ରାତିରେ ଆୟୋଜିତ ଏକ ଭୋଜିରେ କୌଣସି କାରଣକୁ ନେଇ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଛି। ଏଥିରେ ଦୁଇଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ପୋଲସରା ସ୍ୱପ୍ନେଶ୍ୱର ସାହିର ରବୀନ୍ଦ୍ର ସାହୁ ଓ ରତନେଇ ସାହିର ବସନ୍ତ ସାହୁ। ଭୋଜି ଖାଇବା ପାଇଁ ପୋଲସରାର ରବୀନ୍ଦ୍ର ଓ ବସନ୍ତ କେତେକ ସାଙ୍ଗଙ୍କ ସହ ଆସିଥିଲେ। ଭୋଜି ଖାଇବା ଲାଗି ରବୀନ୍ଦ୍ର ନିଜ ସାଙ୍ଗମାନଙ୍କୁ ଫୋନ ଯୋଗେ ଡାକିଥିଲେ। ଇତିମଧ୍ୟରେ ଫୋନରେ ଡାକିବା ମଧ୍ୟରେ ନିମିନା ଗ୍ରାମର ଜଣେ ଯୁବକ ସେହି କଥାବାର୍ତ୍ତାକୁ ନେଇ ପ୍ରଥମେ ପାଟିତୁଣ୍ଡ ତା'ପରେ ହାତାହାତି ହୋଇଥିଲେ। ହାତାହାତି ମଧ୍ୟରେ ନିମିନା ଗ୍ରାମର ଯୁବକ ଜଣକ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ରବୀନ୍ଦ୍ର ଓ ବସନ୍ତଙ୍କ ମୁହଁ ଓ ପେଟରେ ଆଘାତ ଲାଗିଥିଲା। ଏହାକୁ ନେଇ ପୋଲସରା ଥାନାରେ ଆହତଙ୍କ ଭାଇ ସନ୍ତୋଷ ଲିଖିତ ଅଭିଯୋଗ କରିଛନ୍ତି।

### ଜିଲାପାଳଙ୍କୁ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ଦାବିପତ୍ର

ଆର.ଉଦୟଗିରି, ୨।୫ (ଡି.ଏନ୍.ଏ): ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚୁକ୍ତିଭିତ୍ତିକଙ୍କୁ ନିୟମିତ କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ ଯ୍ୟା ଭିତରେ ସାତ ମାସ ବିତିଯାଇଛି। କେହି ଶିକ୍ଷକ ରେଗୁଲାର ହୋଇପାରିଲେ ନା ଦୁଇ ମାସ ହେଲା ଦରମା ପାଇପାରୁଛନ୍ତି। ଶିକ୍ଷକମାନେ ଏବେ ମାନସିକ ଚାପରେ ରହୁଛନ୍ତି। ଏ ନେଇ ଜିଲାର ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏକାଠି ହେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ଏସ୍‌ଟି ଏସ୍‌ସି ବିଦ୍ୟାଳୟ କର୍ମଚାରୀଙ୍କ ସମସ୍ୟା ନେଇ ସମୀକ୍ଷା

ଫୁଲବାଣୀ ଅଫିସ, ୨।୫: ଫୁଲବାଣୀ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁସୂଚିତ ଜନଜାତି ଏବଂ ଜାତି (ଏସ୍‌ଟି ଏସ୍‌ସି) ଉଚ୍ଚ ବିଦ୍ୟାଳୟ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ, ରବୀନ ଚର୍ଚ୍ଚି ମିଶ୍ର ଯୋଗଦେଇ ଏହି ସମୀକ୍ଷା କରିଥିଲେ। ହାଇସ୍କୁଲରେ କାର୍ଯ୍ୟରତ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ କିପରି ସଠିକ ସମୟରେ ନିୟମିତ ଦରମା ପାଇବେ, ବାର୍ଷିକ ଇନ୍‌କ୍ରିମେଣ୍ଟ, ପେନସନ, ଛୁଟି, ପ୍ରସବକାଳୀନ ଛୁଟି, ସର୍ଭିସ ବୁକର ସମୟ ଅନୁଯାୟୀ କାର୍ଯ୍ୟ କିପରି ହେବ ତାହା ଉପରେ ପ୍ରଧାନଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ନିୟମ ଅନୁସାରେ କର୍ମଚାରୀମାନଙ୍କ ବକେୟା ପାଉଣା ପୈଠ କରିବାକୁ ଅତିରିକ୍ତ ଜିଲାପାଳ ସାହୁ ପ୍ରଧାନଶିକ୍ଷକ ମାନଙ୍କୁ ତାଗିଦ୍ କରିଥିଲେ।

# ବ୍ରହ୍ମପୁର ବିଧାୟକଙ୍କୁ ମିଳୁନି ମନ୍ତ୍ରୀ ପଦ

■ ଅଣ କଂଗ୍ରେସ ସରକାରରେ ଅଣଦେଖା

■ କଂଗ୍ରେସରୁ ହୋଇଥିଲେ ଏକାଧିକ ନେତା

ବ୍ରହ୍ମପୁର ଅଫିସ,୨।୫

ଗଞ୍ଜାମ ଜିଲାର ୧୩ ନିର୍ବାଚନ ମଣ୍ଡଳୀ ମଧ୍ୟରେ ବ୍ରହ୍ମପୁରର ଗୁରୁତ୍ୱ ରହିଛି। ମହାନଗର ନିଗମର ସମୁଦାୟ ୪୨ ୱାର୍ଡରୁ ୩୬ ୱାର୍ଡକୁ ନେଇ ଗଠନ ହୋଇଛି ବିଧାନସଭା କ୍ଷେତ୍ର। ୧୯୯୦ ରୁ ୨୦୧୯ ସୁଦ୍ଧା ହୋଇଛି ୭ ନିର୍ବାଚନ। ସବୁ ନିର୍ବାଚନରେ ଅଣ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ତନ୍ମଧ୍ୟରୁ ୯୦ ନିର୍ବାଚନରେ ତତ୍କାଳୀନ ଜନତା ଦଳରୁ ସ୍ୱର୍ଗତ ବିନାୟକ ମହାପାତ୍ର ଓ ୯୫ ନିର୍ବାଚନରେ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଜିତିଥିଲେ। ପରବର୍ତ୍ତୀ ୨୦୦୦ରୁ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଚ୍ୟାଉ ପଟ୍ଟନାୟକ ଲଗାତର ଏହି ଆସନରୁ ୪ଥର ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡିରୁ ଜିତିଛନ୍ତି ବିକ୍ରମ କୁମାର ପଣ୍ଡା। ବିଧାନସଭାକୁ କ୍ରମାନ୍ୱୟରେ ନିର୍ବାଚିତ ଉପରୋକ୍ତ ୭ ଜଣଙ୍କ ମଧ୍ୟରୁ କେହି ରାଜ୍ୟ ମଣ୍ଡଳରେ ସ୍ଥାନ ପାଇନାହାନ୍ତି। ତେଣୁ ଅଣ କଂଗ୍ରେସ ଶାସନରେ ବ୍ରହ୍ମପୁରକୁ ଅଣଦେଖା କରାଯାଇଥିବା ରାଜନୈତିକ ବିଶ୍ଳେଷକ ଚର୍ଚ୍ଚା କରୁଛନ୍ତି। କଂଗ୍ରେସ ଶାସନରେ ୧୯୫୭ ନିର୍ବାଚନରେ ବିଧାୟକ ହୋଇଥିବା ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ସେ ଗୃହ ଓ ଶିକ୍ଷା ସମେତ ଅନ୍ୟ ବିଭାଗ ପାଇଥିଲେ। ପରବର୍ତ୍ତୀ ସ୍ଥିତିରେ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟ ୧୯୬୭-୭୧ ଓ ୭୪ ନିର୍ବାଚନରେ ଲଗାତର କଂଗ୍ରେସ ବିଧାୟକ ହୋଇଥିଲେ। ସଦାଶିବ ତ୍ରିପାଠୀଙ୍କ ପରେ ବିରୋଧୀ ଦଳ ନେତା ହେବା ସହ ନନ୍ଦିନୀ ଶତପଥୀଙ୍କ ଦୁଇ ସରକାରରେ କ୍ୟାବିନେଟ ପାହ୍ୟା ପାଇ ଗୁରୁତ୍ୱପୂର୍ଣ୍ଣ ଅର୍ଥ, ଶିକ୍ଷା ଓ ଅନ୍ୟ ବିଭାଗ ପାଇଥିଲେ। ୧୯୭୬ ଶେଷ ବେଳକୁ ସ୍ୱଳ୍ପ କାଳ ରାଜ୍ୟ ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଥିଲେ। ସେହିପରି ୧୯୮୦ ନିର୍ବାଚନରେ ବ୍ରହ୍ମପୁରରୁ କଂଗ୍ରେସ ବିଧାୟକ ହୋଇଥିବା କୃଷ୍ଣଚରଣ ପଟ୍ଟନାୟକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରଥମ ସରକାରରେ ୨ ବର୍ଷ ମନ୍ତ୍ରୀ ହୋଇଥିଲେ। ୧୯୮୫ ନିର୍ବାଚନରେ ତତ୍କାଳୀନ ଯୁବ କଂଗ୍ରେସ ନେତା ଶିବ ଶଙ୍କର ସାହାଣୀ ବିଧାୟକ ନିର୍ବାଚିତ ହୋଇଥିଲେ। ସେ ଏହି ବିଧାନସଭା କ୍ଷେତ୍ରର ଶେଷ କଂଗ୍ରେସ ବିଧାୟକ। ପରବର୍ତ୍ତୀ ସମୟରେ କଂଗ୍ରେସର ସ୍ଥିତି ଦୋହଲି ଯାଇଛି ଏବଂ କଂଗ୍ରେସରୁ କେହି ଜିତିପାରୁ ନାହାନ୍ତି।

୧୯୯୦ ନିର୍ବାଚନରେ ଜନତା ଦଳରୁ ବିଧାୟକ ହୋଇଥିବା ଅବସରପ୍ରାପ୍ତ ପୋଲିସ ଅଧିକାରୀ ବିନାୟକ ମହାପାତ୍ରଙ୍କୁ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀ ପରିଷଦରେ ସାମିଲ କରାଯାଇନଥିଲା। ୯୫ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ସଂଖ୍ୟା ଗରିଷ୍ଠ ସତ୍ତ୍ୱେ ଚ୍ୟାଉ ପଟ୍ଟନାୟକ ବ୍ରହ୍ମପୁରରୁ ଜନତା ଦଳ ବିଧାୟକ ହୋଇଥିଲେ। ପେଶାରେ ଭେଷଜ ଡ଼ାକ୍ତର ଚ୍ୟାଉ ପଟ୍ଟନାୟକ ୨୦୦୦ ରୁ ୧୪ ମଧ୍ୟରେ ଲଗାତର ୪ ଥର ବିଜେଡି ଟିକେଟରେ ଲଢ଼ି ବିଧାୟକ ହୋଇଥିବା ସତ୍ତ୍ୱେ ନବୀନ ପଟ୍ଟନାୟକଙ୍କ ସରକାରରେ ଥରେ ବି ମନ୍ତ୍ରୀ ପଦ ପାଇନଥିଲେ। ୨୦୧୯ ନିର୍ବାଚନରେ ସେ ବିଜେଡି ଟିକେଟରୁ ବଞ୍ଚିତ ହେଲେ। ପୂର୍ବ ନିର୍ବାଚନ ଗୁଡ଼ିକର ତାଙ୍କ ମୁଖ୍ୟ ତଥା କଂଗ୍ରେସ ପ୍ରତିଦ୍ୱନ୍ଦ୍ୱି ବିକ୍ରମ ପଣ୍ଡା ବିଜେଡିରେ ଯୋଗଦେଇ ବିଧାୟକ ହୋଇଛନ୍ତି। ସୂଚନାଯୋଗ୍ୟ, ବିଜୁ ବାବୁଙ୍କ ଜନତା ଦଳ ଏବଂ ନବୀନ ପଟ୍ଟନାୟକଙ୍କ ପ୍ରଥମ ସରକାରରେ କୋଦଳା ବିଧାୟକ ରାମକୃଷ୍ଣ ପଟ୍ଟନାୟକ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ମାତ୍ର ୨ ବର୍ଷରେ ସେ ମନ୍ତ୍ରୀ ଓ ବିଜେଡିରୁ ତଡ଼ା ଖାଇଲେ। ବର୍ତ୍ତମାନର ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ୨୦୦୦ ରୁ ୨୦୧୪ ମଧ୍ୟରେ ୪ ଥର କ୍ୟାବିନେଟ ମନ୍ତ୍ରୀ ହେବା ସହ ୧୯ ନିର୍ବାଚନରେ ବାଚସ୍ପତି ହୋଇଥିଲେ। ବିଭିନ୍ନ କାରଣରୁ ସେ ଇସ୍ତଫା ଦେଇଛନ୍ତି। ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଅରୁଖ ଏବେ ବାଚସ୍ପତି ଅଛନ୍ତି। ପୂର୍ବରୁ ସେ ଏକାଧିକ ଥର କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି। ଚିକିଟି ବିଧାୟିକା ଉଷା ଦେବୀ ମଧ୍ୟ ଏକାଧିକ ଥର କ୍ୟାବିନେଟ ମନ୍ତ୍ରୀ ହେବାର ତଥ୍ୟ ରହିଛି। ଏବେ ଗୁରୁତ୍ୱପୂର୍ଣ୍ଣ ଗୃହ ଓ ନଗର ଉନ୍ନୟନ ବିଭାଗ ଦାୟିତ୍ୱରେ ଅଛନ୍ତି। ଗତ କିଛିମାସ ତଳେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ନବୀନ ସରକାରରେ ଶ୍ରମ ମନ୍ତ୍ରୀ (ସ୍ୱାଧୀନ) ହୋଇଛନ୍ତି। ଗୋପାଳପୁରରୁ ୩ ଥର ବିଧାୟକ ହୋଇଥିବା ପ୍ରଦୀପ ପାଣିଗ୍ରାହୀ ୨୦୧୪ରେ ଗଠିତ ସରକାରରେ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯ ନିର୍ବାଚନ ବେଳେ ସେ ଜିଲାର ସାଙ୍ଗଠନିକ ସଭାପତି ଥିଲେ। ୨୦୨୦ ଡିସେମ୍ବର ଶେଷ ବେଳକୁ ସେ ଦଳରୁ ବହିଷ୍କୃତ ହୋଇଛନ୍ତି। ଏବେ ସ୍ୱାଧୀନ ବିଧାୟକ ଭାବେ ଗଣନା ହେଉଛନ୍ତି। ବିଜେଡି ସରକାରରେ ବ୍ରହ୍ମପୁର ସମେତ ଛତ୍ରପୁର, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ଆସିକା, ସୋରଡ଼ା ଆଦି ବିଧାୟିକା ଓ ବିଧାୟକ ମନ୍ତ୍ରୀ ହୋଇନାହାନ୍ତି। ଅନ୍ୟପକ୍ଷରେ ଆଗାମୀ ସାଧାରଣ ନିର୍ବାଚନ ପାଖେଇ ଆସୁଛି ଏବଂ ଜିଲାର ବିଜେଡି ବିଧାୟକଙ୍କ ମଧ୍ୟରୁ କିଏ ପୁଣି ଟିକେଟ ପାଇବ ଓ କାହାର କଟିବ ସେନେଇ ଚର୍ଚ୍ଚା ଜୋର ଧରିଛି ।

## ବିଲରୁ ମହିଳାଙ୍କ ମୃତଦେହ ଜବତ

ହିଞ୍ଜିଳିକାଟୁ ୨।୫ (ଡି.ଏନ୍.ଏ): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ ୫୯ କଡ଼ ମକରଝୋଳ ଗାଁ ନିକଟ ବିଲରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ମଙ୍ଗଳବାର ଜବତ କରିଛି। ସେ ହେଲେ ସମରଝୋଳ ଗ୍ରାମ ର ସୁନୀତା ମହାନ୍ତି (୪୦)। ସେ ଗୌତମୀ ଅଞ୍ଚଳରେ ବାହା ହୋଇଥିଲେ ବୋଲି ଜଣାପଡ଼ିଛି। ମହିଳାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପୋଲିସ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସୋମବାର ରାତିରେ ଘଟଣା ଘଟିଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସକାଳେ ଜଣେ ଗାଈ ଚରାଳି ବିଲ ମଝିରେ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖି ଗାଁରେ ଜଣାଇଥିଲେ। ଖବରପାଇ ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସଙ୍କ ସହ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ଛତ୍ରପୁର ସାଇଣ୍ଟିଫିକ ଟିମ, ଆସିକା ଏସଡିପିଓ ଉମାଶଙ୍କର ସିଂ ପ୍ରମୁଖ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ଏ ନେଇ ହିଞ୍ଜିଳି ଥାନାରେ ନଂ- ୨୯୬/୨୩ ରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

## ପୋଖରୀ ପୁନରୁଦ୍ଧାର ଦାବିକଲେ ବାଲିସାହି ବାସିନ୍ଦା




ବାଲିସାହି ବାସିନ୍ଦା।

ଗଞ୍ଜାମ,୨।୫(ଡି.ଏନ.ଏ.) ଗଞ୍ଜାମ ଏନ୍ଏସି ୭ନଂ ୱାର୍ଡ ବାଲିସାହିରେ ଦୀର୍ଘ ବର୍ଷ ହେବ ପୋଖରୀ ପୁନରୁଦ୍ଧାର ହୋଇ ନ ଥିବା ଅଭିଯୋଗ ହୋଇଛି। ଏନ୍ଏସି ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନି ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ସେହି ସାହିରେ ପ୍ରାୟ ଷାଠିଏରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ପରିବାର ବାସ କରୁଛନ୍ତି। ସେମାନେ ଅନ୍ୟ ଗାଁ ବା ସାହି ପୋଖରୀକୁ ଗାଧୋଇବାକୁ ଗଲେ ସେଠାରେ ଜାତିଆଣ ଭେଦ କଥା ଉଠୁଥିବା ବାଲିସାହିର ସୁରେନ୍ଦ୍ର ନାୟକ କହିଛନ୍ତି। ସାହି ବାରିପଟେ ଏକ ପୋଖରୀ ରହିଛି ଆଉ ତାହା ପ୍ରାୟ ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ ଶୁଖି ଫାଟି ପଡିଛି। ଅନ୍ୟପଟେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେତିକି ସମୟ ପିଇବା ପାଣି ଛଡା ଯାଉଛି ସେଥିରୁ ପିଇବାକୁ ପାଣି ନିଅଣ୍ଟ ପଡୁଛି, ଆଉ ଗାଧୋଇବୁ କେମିତି ବୋଲି ସେହି ଗ୍ରାମର ସନ୍ତୋଷ କୁମାର ନାୟକ କହିଛନ୍ତି। ବର୍ଷା ଦିନ ପୂର୍ବରୁ ଏହାକୁ ଖୋଳାଯାଇ ଏହାର ପୁନରୁଦ୍ଧାର କରାଯାଉ ବୋଲି ସାହି ବାସିନ୍ଦା ଦାବି କରିଛନ୍ତି। ଏନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଏବଂ ତହସିଲଦାର ଅରୁଣ କୁମାର ନାୟକଙ୍କୁ ଲିଖିତ ଅଭିଯୋଗ କରିବେ। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କେ. ବରିଡ଼ା ୱାର୍ଡରେ ଉପନିର୍ବାଚନ

ବେଗୁନିଆପଡ଼ା,୨।୫

ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ କେ. ବରିଡ଼ା ପଞ୍ଚାୟତର ୨ ନମ୍ବର ୱାର୍ଡ ପାଇଁ ମଙ୍ଗଳବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ସଂରକ୍ଷଣ ତ୍ରୁଟି ଯୋଗୁ ଏହି ୱାର୍ଡରେ ନିର୍ବାଚନ ସ୍ଥଗିତ ରହିଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପ୍ରକାରେ ଏହି ୱାର୍ଡରେ ୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ୨ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ଦୁଇ ଜଣ ନିର୍ବାଚନ ମଇଦାନରେ ରହିଲେ। ସେମାନେ ହେଲେ ରଶ୍ମିତା ପ୍ରଧାନ ଓ ଲିଲି ପ୍ରଧାନ। କେ. ବରିଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର ଅନୁଷ୍ଠିତ ହୋଇଛି। ୫ ଜଣ ପୋଲିଂ କର୍ମଚାରୀଙ୍କ ଉପସ୍ଥିତିରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଆସନ୍ତା ୪ ତାରିଖରେ ଫଳାଫଳ ଘୋଷଣା କରାଯିବ ବୋଲି ବେଗୁନିଆପଡ଼ା ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କଠାରୁ ସୂଚନା ମିଳିଛି।

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା



କୁଇଜ୍ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ।

ପୋଲସରା,୨।୫:

ଗଞ୍ଜାମ ଜିଲା ପୋଲସରା ସହର ନିକଟସ୍ଥ ଗୋପବନ୍ଧୁ ହାଇସ୍କୁଲ ପରିସରରେ ଭାରତ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୋଲସରା ବ୍ଲକର ୧୭ ଟି ସ୍କୁଲ ଓ ବୁଗୁଡ଼ା ବ୍ଲକରୁ ୭ଟି ସ୍କୁଲର ୪୮ ଜଣ ଛାତ୍ରୀଛାତ୍ର କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ୨୪ ଜଣ ପରାମର୍ଶ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ରିଜର୍ଭ ବ୍ୟାଙ୍କ ଜିଲା ମ୍ୟାନେଜର ତରୁଣ କୁମାର ପ୍ରଧାନ ଓ ତାଙ୍କ ସହଯୋଗୀ ମଥୁରା ଅଞ୍ଚଳର ଆର୍ଥିକ ପରାମର୍ଶଦାତା ଦିଲ୍ଲୀପ ଦଳାଇ, ବ୍ଲକ ଶିକ୍ଷା ଅଧିକାରୀ କାଳୀଚରଣ ବେହେରା, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ସ୍ୱରୂପ କୁମାର ପାତ୍ର, ସୁଭାସିନୀ ତ୍ରିପାଠୀ, ଗୋପବନ୍ଧୁ ହାଇସ୍କୁଲର ଅତିରିକ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ପ୍ରଧାନ, ହାତୀଓଟ ନୋଡ଼ାଲ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାଶଙ୍କର ଦାସ, ସୂର୍ଯ୍ୟ ନାରାୟଣ ସାହୁ, ପଞ୍ଚାନନ ସେଠୀ, କଲ୍ୟାଣ ପ୍ରଧାନ, ଅମରେଶ ପଟ୍ଟନାୟକ, କେ ମମତା କୁମାରୀ ପ୍ରମୁଖ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୨।୫ (ଡି.ଏନ୍.ଏ):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ.କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ରୋମାଞ୍ଚଳ ଖମାରୀ , ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୀରେନ୍ଦ୍ର କୁମାର ଦାସ, ଅତିରିକ୍ତ ଜିଲାପାଳ (ସାଧାରଣ) ରାଜେନ୍ଦ୍ର ମିଞ୍ଜ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅଧିବାସୀ ଉନ୍ନୟନ ସଂସ୍ଥା ଅଧିକାରୀ ଫାଲଗୁନୀ ମାଝୀ




ଅଭିଯୋଗ ଶୁଣାଣିରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରିଥିଲେ। ସମୁଦାୟ ୩୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୬ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି ଏବଂ ତିନି ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଜଳ ସେଚନ, ଗୃହ ନିର୍ମାଣ, ରାସନ କାର୍ଡ, ମନରେଗା, ଶିକ୍ଷା, ବ୍ୟାଙ୍କ ଲୋନ, ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା।

## ପଶୁପକ୍ଷୀଙ୍କୁ ଖାଦ୍ୟ ଓ ଜଳ ଯୋଗାଇବାକୁ ନିଆରା ପ୍ରୟାସ

ଗଞ୍ଜାମ,୨।୫(ଡି.ଏନ.ଏ.): ବଢୁଥିବା ପ୍ରବଳ ଉତ୍ତାପକୁ ଦୃଷ୍ଟିରେ ରଖି ଅଙ୍ଗନବାଡି ନନ୍ଦଘର କେନ୍ଦ୍ରରେ ପକ୍ଷୀମାନଙ୍କୁ ଖାଦ୍ୟ ଓ ଜଳ ଯୋଗାଇବା ପାଇଁ ନନ୍ଦଘର ପ୍ରକଳ୍ପ ପକ୍ଷରୁ କରାଯାଉଛି ନିଆରା ପ୍ରୟାସ। ନନ୍ଦଘର ପ୍ରକଳ୍ପ ବେଦାନ୍ତ ଗ୍ରୁପ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନର ସାମାଜିକ ପଦକ୍ଷେପ ଦ୍ୱାରା ଖଲ୍ଲିକୋଟ, ଛତ୍ରପୁର, ଗଞ୍ଜାମ ବ୍ଲକ ଅନ୍ତର୍ଗତ ୨୫ଟି ନନ୍ଦଘର ଠାରେ ଏହିପରି କାର୍ଯ୍ୟକର୍ମ ଚାଲୁରହିଛି। ଏହି କାର୍ଯ୍ୟକ୍ରମ ଗ୍ରୀଷ୍ମ ଋତୁ ଶେଷ ପର୍ଯ୍ୟନ୍ତ ଚାଲୁରହିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହାକୁ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନ ପରିଚାଳିତ କରୁଥିବା ବେଳେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶିବାନନ୍ଦ ପଲାଇ, ସଂଯୋଜକ ସୁଶୀଲ କୁମାର ଲେଙ୍କା ଓ ରାକେଶ କୁମାର ତରାଇ ତଦାରଖ କରୁଛନ୍ତି।

## ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନତି ପାଇଁ ୫-ଟି ସଚିବଙ୍କୁ ପତ୍ର

ସୋରଡ଼ା, ୨।୫ (ଡି.ଏନ୍.ଏ):

ଗଞ୍ଜାମ ଜିଲା ସୋରଡାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ଅନୁରୋଧ କରିଛନ୍ତି ସୋରଡା ଏନଏସି ୮ ନମ୍ବର ୱାର୍ଡର କାଉନସିଲର । ବର୍ତ୍ତମାନ ପରିସ୍ଥିତିରେ ସୋରଡା ଜଗନ୍ନାଥ ମନ୍ଦିରର ମରାମତି ସହ ପୁନରୁଦ୍ଧାର ଆବଶ୍ୟକତା ରହିଛି। ମନ୍ଦିରର ରୋଷଘର ଭଗ୍ନ ଅବସ୍ଥାରେ ରହିଛି। ଏହି ଜଗନ୍ନାଥ ମନ୍ଦିର ୧୭ଶହ ମସିହାରେ ଖିଡିଶିଙ୍ଗୀ ରାଜବଂଶ ରାଜା କୁଞ୍ଜ ବିହାରୀ ସିଂ ଦେଓଙ୍କ ସମୟରେ ନିର୍ମାଣ କରାଯାଇଥିବା ବେଳେ ଆଜକୁ ଏହା ପ୍ରାୟ ୩୫୦ ବର୍ଷ ପୁରୁଣା ହେଲାଣି। ବର୍ତ୍ତମାନ ରାଜବଂଶ ଦାୟାଦ ଡା ଦେବଦତ୍ତ ସିଂ ଦେଓ ଜଗନ୍ନାଥଙ୍କ ସେବାରେ ନିୟୋଜିତ ହେବା ସହ ୧୩୦ ବର୍ଷ ପରେ ଛେରାପହଁରା ନୀତି ସମ୍ପନ୍ନ କରୁଛନ୍ତି। ଏହି ମନ୍ଦିରଟି ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଦେବୋତ୍ତର ବିଭାଗ ତରଫରୁ ପ୍ରତିଦିନ ନୀତି ପାଇଁ ମିଳୁଥିବା ଅନୁଦାନ ପର୍ଯ୍ୟାପ୍ତ ହେଉନଥିବା କହିଛନ୍ତି ନିର୍ବାଚିତ ଜନପ୍ରତିନିଧି। ବର୍ତ୍ତମାନ ସରକାର ମନ୍ଦିର ମଠର ଉନ୍ନତି ପାଇଁ ଆବଶ୍ୟକ ଅନୁଦାନ ଦେଉଥିବା ବେଳେ ୫ ଟି ସଚିବ ବିଭିନ୍ନ ଧାର୍ମିକ ପୀଠ ପରିଦର୍ଶନ କରି ଉନ୍ନତିକରଣ ପାଇଁ ପ୍ରୟାସ ଜାରି ରଖିଛନ୍ତି। ତେଣୁ ଏହି ମନ୍ଦିର ସୁରକ୍ଷା, ପୁନରୁଦ୍ଧାର ଓ ମରାମତି ପାଇଁ ଆବଶ୍ୟକ ପଡୁଥିବା ଅନୁଦାନ ନିମନ୍ତେ ୫ ଟି ସଚିବଙ୍କୁ ନିର୍ବାଚିତ ପ୍ରତିନିଧି ଅନୁରୋଧ କରିଛନ୍ତି।

## ଶ୍ରମିକ ସଙ୍ଗଠନ ପକ୍ଷରୁ ସଭା, ଶୋଭାଯାତ୍ରା




ଶୈବପୀଠ ପରିସରରେ ତହସିଲଦାରଙ୍କ ଉଦବୋଧନ ଦେଉଛନ୍ତି ।

ଦିଗପହଣ୍ଡି,୨।୫(ଡି.ଏନ୍.ଏ): ଦିଗପହଣ୍ଡିରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଛକଠାରେ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଏବଂ ସିଆଇଟିୟୁ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିପିଆଇ(ଏମ)ଦିଗପହଣ୍ଡି ଆଞ୍ଚଳିକ କମିଟି ସମ୍ପାଦକ କୁରେଶୁ ପଣ୍ଡା ଅଧକ୍ଷତା କରିଥିଲେ। ବରିଷ୍ଠ କମ୍ୟୁନିଷ୍ଟ ନେତା ଅଶିନୀ କୁମାର ଦାସ ପତାକା ଉତ୍ତୋଳନ କରିଥିଲେ। ସିପିଆଇ(ଏମ) ର ପୂର୍ବତନ ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର, ସିପିଆଇ ଶାଖା ସମ୍ପାଦକ ତପନ କୁମାର ମିଶ୍ର, ଆଇଏନ୍‌ଟିୟୁସି ପକ୍ଷରୁ ଏ.କେଶବ ଦୋରା ପ୍ରମୁଖ ଯୋଗଦେଇଥିଲେ। ଖେମୁଣ୍ଡି ମୋଟର ପରିବହନ କର୍ମଚାରୀ ସଂଘ ପକ୍ଷରୁ ଗାନ୍ଧୀ ଛକଠାରେ ଆୟୋଜିତ ସଭାରେ ସଭାପତି ପରେଶ ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ଏଥିରେ ଆଇନଜୀବୀ ହରପ୍ରସାଦ ରଥ, ଖବରଦାତା ଭବାନୀ ଶଙ୍କର ପଣ୍ଡା ଓ ଗୋପାଳକୃଷ୍ଣ ମଲିକ ଅତିଥି ଭାବେ ଯୋଗ ଦେଇଥିଲେ। ଖେମୁଣ୍ଡି ଆଞ୍ଚଳିକ ବିଶ୍ୱକର୍ମା ରାଜମିସ୍ତ୍ରୀ କାରିଗର ଶ୍ରମିକ ସଂଘ ପକ୍ଷରୁ ଚନ୍ଦ୍ର ଚୂଡେଶ୍ୱର ଶୈବପୀଠ ପରିସରରେ 'ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକଙ୍କ ଅଧିକାର' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ସିପକ କୁମାର ପାତ୍ର, ଆଇନଜୀବୀ ହରପ୍ରସାଦ ରଥ, ଅଶେଷ ନାଥ ମିଶ୍ର ଯୋଗ ଦେଇଥିଲେ।

## ବର୍ଷାରେ ପୋଲ ଭୁଶୁଡ଼ିଲା, ଯାତାୟାତ ଠପ୍

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨।୫:

କନ୍ଧମାଳ ଜିଲାରେ ବର୍ଷା ପ୍ରଭାବରେ ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତ କଡୁରାହାଠାରୁ ଜ୍ରାକିରାହାକୁ ସଂଯୋଗ କରୁଥିବା ରାସ୍ତାର ପୋଲ ଭୁଷୁଡି ପଡିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକଙ୍କ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସୋମବାର ସକାଳୁ ଜିଲାରେ ବର୍ଷା ହୋଇଥିଲା ଫିରିଙ୍ଗିଆ ଅଞ୍ଚଳରେ ଏହାର ପ୍ରଭାବ ଜୋର ଥିଲା । ବହୁତ ବର୍ଷ ପୂର୍ବେ ଏହି ରାସ୍ତା ଉପରେ ନିର୍ମାଣ ହେଇଥିବା ପୋଲ ଭୁଷୁଡି ପଡିଥିଲା। ଫଳରେ ଜ୍ରାକିରାହା, ଡହିଙ୍ଗିଆ, ଡାଡିଲାଇ, କରୁକଜା, ମହଲ୍ଲିଙ୍ଗିଆ ଭଳି ଅନେକ ଛୋଟ ବଡ଼ ଗାଁ ବିଚ୍ଛିନ୍ନ ହୋଇଯାଇଛି। ବର୍ତ୍ତମାନ ଏହି ରାସ୍ତା ଦେଇ ବାଇକ୍, ଅଟୋ, ଟ୍ରାକ୍ଟର, ଆମ୍ବୁଲାନ୍ସ



ଭୁଶୁଡି ପଡିଥିବା ପୋଲ ।

ଚଳାଚଳ ବନ୍ଦ ରହିଛି। ଦୀର୍ଘ ଦିନରୁ ଏହି ପୋଲ ବିପଦ ସଂକୁଳ ଅବସ୍ଥାରେ ପଡ଼ି ରହିଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ନ ଥିଲା । ଲୋକଙ୍କ ବାରମ୍ବାର ଅଭିଯୋଗ କ୍ରମେ ନୂତନ ପୋଲ ନିର୍ମାଣ ନ ହେବାରୁ ଏଭଳି ପରିସ୍ଥିତି ଉପୁଜିଲା ବୋଲି ଗ୍ରାମବାସୀ କହିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ବ୍ଲକ କାର୍ଯ୍ୟାଳୟ ଯିବାକୁ ହେଲେ ଏହି ରାସ୍ତା ଉପରେ ଲୋକେ ନିର୍ଭର କରନ୍ତି । ଭୁଷୁଡି ପଡିଥିବା ପୋଲ ନୂତନ ଭାବେ ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚ ଏସିଆ କହଁର ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି ।

